


# ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କଲେ ଚାଷୀ

**ସମ୍ବଲପୁର, ୩୧।୧୨(ସମିସ)**

ବରେଇପାଲିରେ ଜୟଦୁର୍ଗା ଆଞ୍ଚଳିକ କୃଷକ ସଙ୍ଗଠନର ଚାଷୀ, ସେରସୁଆଁତଲରେ ତବଲା, କୁକୁଡ଼ାପାଲି ଓ ପରମାଣପୁର ମାର୍କେଟୟାର୍ଡରେ ଚାଷୀ ଏବଂ ଧମାରେ ଧମା, ବରଗାଁ, ସାହାସପୁର ମାର୍କେଟୟାର୍ଡର ଚାଷୀ ମିଛୁଆ ଯୋଗାଣ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଗତବର୍ଷ ଅପେକ୍ଷା ଡବଲ ଟୋକନ ଦିଆଯାଇ ଡବଲ ଧାନ କିଣାଯାଇଛି ଏବଂ କିଛି ଚାଷୀ ଆନ୍ଦୋଳନଜୀବୀ ହୋଇ ଅଯଥାରେ ଆନ୍ଦୋଳନ କରୁଛନ୍ତି ବୋଲି ଯୋଗାଣ ମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି। ଏହାକୁ ଚାଷୀ ମହଲରେ ନାପସନ୍ଦ କରାଯାଇଛି। ଅନ୍ୟପକ୍ଷରେ ଚାଷୀର ଏତେ ସମସ୍ୟା ହେଲାଣି ଏହି ସମୟରେ ମୁଖ୍ୟମନ୍ତ୍ରୀ ସମସ୍ୟା ସମାଧାନ ନକରି ଧାନଚାଷ ଅଞ୍ଚଳ ବରଗଡ଼କୁ ଯାଇ ଧନୁଯାତ୍ରାରେ ଯୋଗଦେଇ ହାତୀ ପିଠିରେ ବସି ବୁଲୁଛନ୍ତି, ଏହା ଲଜ୍ଜାଜନକ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏଣୁ ସରକାରଙ୍କ ବିରୋଧରେ ଚାଷୀମାନେ ତେଜିଛନ୍ତି। ପ୍ରତି ଗାଁ, ପ୍ରତି ମାର୍କେଟୟାର୍ଡରେ ଯୋଗାଣ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର ଓ ସମ୍ପାଦକ ଦେବେନ୍ଦ୍ର ପଧାନ ସୂଚନା ଦେଇଛନ୍ତି।

ମଣ୍ଡିରୁ ଧାନ ବିକ୍ରିକୁ ନେଇ ଚାଲିଥିବା ଅବ୍ୟବସ୍ଥା, କଟନୀଛଟନୀ, ପଞ୍ଜିକରଣ ଅନୁସାରେ ଟୋକନ ଜାରି ନହେବା ତଥା ଯୋଗାଣ ମନ୍ତ୍ରୀଙ୍କ ଚାଷୀ ବିରୋଧୀ ମନ୍ତବ୍ୟ ପ୍ରତିବାଦରେ ସମ୍ବଲପୁର ଜିଲ୍ଲାର ବରେଇପାଲି, ସେରସୁଆଁତଲ ଓ ମାନେଶ୍ୱର ଧମାଠାରେ ଚାଷୀମାନେ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି।



ପୁଲିସର ହସ୍ତକ୍ଷେପ, ପାଣି ପକେଇବା ସତ୍ତ୍ୱେ ଏହି ତିନିଜାଗାରେ କୁଶପୁତ୍ତଳିକା ଦାହ କରିବା ସହ ଚାଷୀମାନେ ପ୍ରତିବାଦ ସଭା କରି ସରକାରଙ୍କ ଚାଷୀ ବିରୋଧୀ ଅଭିମୁଖ୍ୟର ନିନ୍ଦା କରିଥିଲେ। ବରେଇପାଲିରେ ଚାଷୀ ପ୍ରତିନିଧି ଉମେଶ ମିଶ୍ର, ଦିଲ୍ଲୀପ ସାହୁ, ଭୈରବ ପ୍ରଧାନ, ସରୋଜ, ମୁରାରୀ ପୁରୋହିତ, ସୀତାକାନ୍ତ ପଣ୍ଡା, ରାଜା ସାହାଣୀ, ସନ୍ତୋଷ ଭୋଇ, ଦାମୋଦର ପ୍ରଧାନ, ଏମ. ଗୋବିନ୍ଦୁ, ସନ୍ତୋଷ ତେଲେଙ୍ଗା ଯୋଗଦେଇଥିବାବେଳେ, ସେରସୁଆଁତଲ ଅଞ୍ଚଳରେ ତବଲା ଓ ଲୁକୁଡାପାଲି ମଣ୍ଡିର ଦେବେନ୍ଦ୍ର ପ୍ରଧାନ, ଶାନ୍ତନୁ ପ୍ରଧାନ, ସୁବ୍ରତ ପ୍ରଧାନ, ବିପିନ ଭୁଏ, ଜଗଦା ନାୟକ, ସୁଦାମ ନାୟକ, ଦୋଳଗୋବିନ୍ଦ ନାୟକ, ବାବୁଲା ବାରିକ ଓ ମନୋରଞ୍ଜନ ନାୟକ ଏବଂ ଧମାରେ ଦିଲ୍ଲୀପ ମହାପାତ୍ର, ନନ୍ଦଲାଲ ତ୍ରିପାଠୀ, ବିଭୁତି ମହାପାତ୍ର ପ୍ରମୁଖ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ସମ୍ବଲ୍‌ପୁରୀ ହପ୍ତା ୨୦୨୫ ଉଦ୍‌ଯାପିତ




**ସମ୍ବଲପୁର, ୩୧।୧୨ (ସମିସ)** :ଜମନକିରା ବ୍ଲକ ଗୌତମଟିକ୍ରା ଗାଁରେ ସମ୍ବଲ୍‌ପୁରୀ ଭାଷା ଏକାଡେମି ପକ୍ଷରୁ ସମ୍ବଲ୍‌ପୁରି ହପ୍ତା ଉଦ୍‌ଯାପିତ ହୋଇଯାଇଛି। ଛାତ୍ରଛାତ୍ରୀ ଯୋଗଦେଇ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ଏବଂ ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ପରେ ଏକାଡେମୀର ଚେୟାରପର୍ସନ ହେମକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କଲମ ପରିବାରର ସଭାପତି ତଫିଜୁଲ ହୁସେନ୍, ମୁଖ୍ୟବକ୍ତା ଭାବେ ସମ୍ବଲପୁରି କବି କ୍ଷେତ୍ରମଣି ବିଭାର ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଆଦର୍ଶ କର ଯୋଗଦେଇଥିଲେ। ଅତିଥିମାନେ କହିଲେ ଯେ, ଆଗରୁ ଆମ ସମଲପୁରି ଭାଷାକୁ ଓଡ଼ିଆ ଲିପି ସାହାଯ୍ୟରେ ଲେଖିବାକୁ ପଡୁଥିଲା। ଯଦ୍ୱାରା ଆମ ନିଜସ୍ୱ ଲିପି ନଥିବାରୁ ବହୁତ ଅପମାନିତ ହେବାକୁ ପଡୁଥିଲା। ଏବେ ନିଜସ୍ୱ ସମଲପୁରି ଲିପି ସୃଷ୍ଟି ହୋଇସାରିଛି। ଏହା ଆମର ଅସ୍ମିତାର ପରିଚୟ ଅଟେ। ଆମେ ସମସ୍ତେ ଏହି ଲିପି ଶିଖିବା ଉଚିତ, ଆଗାମୀ ପିଢି ପାଇଁ ସଂରକ୍ଷିତ ରଖିବା ପ୍ରଚାରପ୍ରସାର କରିବା ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ଏହି ଅବସରରେ ସମ୍ବଲପୁରି ଲିପି ଶିକ୍ଷା ଗ୍ରହଣ କରିଥିବା ୧୭ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗାଁର ବରିଷ୍ଠ ବ୍ୟକ୍ତି ଭାବଗ୍ରାହୀ ସାହୁ ଓ ଚନ୍ଦ୍ରଶେଖର ବାରିକ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ସମ୍ବିତ ଶେଖର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଭାଇକୁ ହତ୍ୟା, ଜେଲ ଗଲା ସାନଭାଇ

**ସମ୍ବଲପୁର, ୩୧।୧୨ (ସମିସ)** : ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଧମା ଥାନା ବଡେମୁରା ପଞ୍ଚାୟତ ଖୁଣ୍ଟି ଗ୍ରାମରେ ମଙ୍ଗଳବାର ରାତିରେ ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇର ମୃତ୍ୟୁ ହୋଇଛି। ବଡ଼ଭାଇ ପ୍ରଫୁଲ୍ଲ ବିଶିଙ୍କ ହତ୍ୟା ଘଟଣାରେ ପୁଲିସ ଆଜି ସାନଭାଇ ସୁନୀଲ ବିଶି (୪୧)କୁ ଗିରଫକରି କୋର୍ଟଚାଲାଣ କରିଛି। ଧମା ଥାନାରେ କେସ୍ ନମ୍ବର ୩୦୫/୨୦୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

ପୁଲିସର ସୂଚନାନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ବଡ଼ ଭାଇ ପ୍ରଫୁଲ୍ଲ ବିଶି ଓ ସାଙ୍ଗମାନେ ଏକାଠି ହୋଇ ନିଆଁ ପୋଉଁଥିଲେ। ସାନଭାଇ ସୁନୀଲ ବିଶି ନିଶାଗ୍ରସ୍ତ ହୋଇ ଘରକୁ ଆସିବାରୁ ବଡ଼ ଭାଇ ଗାଳି ଦେଇଥିଲେ। ବଡ଼ ଭାଇ ମଦ ପିଇ ଥିବାରୁ ସାନ ଭାଇ ଉପରେ ଚିଡ଼ିଥିଲେ ଓ କହିଥିଲେ ମୋ ଦୋକାନରୁ ୨୦ ହଜାର ଟଙ୍କାର କିରାନା ସାମଗ୍ରୀ ନେଇଛୁ, କେବେ ଦେବୁ। ଏଥିରେ ଉତ୍ତେଜିତ ହୋଇ ସୁନୀଲ ଘର ଭିତରକୁ ଯାଇ ଏକ ଟାଙ୍ଗିଆ ଆଣି ବଡ଼ଭାଇ ପ୍ରଫୁଲ୍ଲଙ୍କ ମୁଣ୍ଡରେ ପାହାର ପକାଇଥିଲେ। ଗୁରୁତର ଆହତ ପ୍ରଫୁଲ୍ଲଙ୍କୁ ତୁରନ୍ତ ଭିମସାର ନିଆଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଧମା ଥାନା ପୁଲିସ ଭିମସାର ପହଞ୍ଚି ଶବକୁ ଜବତ କରିଥିଲା। ଏହାସହ ଘଟଣାସ୍ଥଳରେ ପହଞ୍ଚି ପୁଲିସ ତଦନ୍ତ କରିଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ପରିବାରର ଅଭିଯୋଗ ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଫେରାର ଥିବା ଅଭିଯୁକ୍ତ ସୁନୀଲକୁ ଗିରଫକରି କୋର୍ଟଚାଲାଣ କରିଛି।























ସମ୍ବଲପୁର : ନବବର୍ଷ ସକାଶେ ବଜାରରେ ଫୁଲର ସମ୍ଭାର।

# ଖଳାରେ ଧାନ, ରବି ଚିନ୍ତାରେ ଚାଷୀ

**ସମ୍ବଲପୁର, ୩୧।୧୨ (ସମିସ)**

ସମ୍ବଲପୁର ଜିଲ୍ଲାରେ ରବି ଧାନ ଚାଷ ସକାଶେ ତଳିପକା, ରୁଆ ଆଦି ପ୍ରକ୍ରିୟାର ସମୟ ହୋଇଗଲାଣି। ତେବେ ଚାଷୀ ଖରିଫ୍‌ରେ ଅମଳ ଧାନକୁ ନେଇ ବସିରହିଛି। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ବହୁସଂଖ୍ୟକ ଚାଷୀଙ୍କ ଟୋକନ ଏପର୍ଯ୍ୟନ୍ତ ଆସିନାହିଁ। ଏହା କମ୍ ଦର ଏବଂ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରୁଛି। ପୁଣି ଖରିଫ୍‌ର ବିହନ, ସାରଠୁ ଆରମ୍ଭ କରି ଅମଳ ସମୟରେ ମୂଲିଆ ଦେୟ ଏବଂ ବ୍ୟାଙ୍କ ଋଣ ବାକି ରହିଥିବାରୁ ଏବେ ଚିନ୍ତାରେ ଚାଷୀ। ଧାନ ବିକ୍ରୟ ନହେଲେ ପରବର୍ତ୍ତୀ ଫସଲ ସକାଶେ କିପରି ଚାଷ କାର୍ଯ୍ୟ ଆରମ୍ଭ କରିବ ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଡିସେମ୍ବର ମଧ୍ୟଭାଗ ସୁଦ୍ଧା ଚାଷୀ ଖରିଫ୍ ଧାନ ବିକ୍ରୟ କରି ପୁଣି ରବି ଋତୁ ସକାଶେ ଚାଷ କାର୍ଯ୍ୟରେ ଲାଗିଯାଏ। କିନ୍ତୁ ଚଳିତବର୍ଷ ଖରିଫ୍‌ରେ ଟୋକନ ସମସ୍ୟା ଗତ ୫୦ ବର୍ଷର ରେକର୍ଡକୁ ଭାଙ୍ଗିଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଚଳିତ ଖରିଫ୍‌ରେ ଟୋକନ ସମସ୍ୟା ନେଇ ଚାଷୀ ଧାନ ବିକ୍ରୟ କରିପାରିନାହିଁ। ଖଳା ଓ ଖରି ମାନଙ୍କରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି।

ଚଳିତବର୍ଷ ଟୋକନ ସମସ୍ୟା ଚାଷୀକୁ ହନ୍ତସନ୍ତ କରିଛି। ଚାଷୀମାନେ ଖଳାରେ ଓ ଖରିରେ ହଜାର ହଜାର କ୍ୱିଣ୍ଟାଲ ଧାନ ନେଇ ଜଗି ରହିଛନ୍ତି। ସମ୍ବଲପୁର ଜିଲ୍ଲାରେ ମଣ୍ଡି ନଭେମ୍ବର ୨୮ ତାରିଖ ଖୋଲିଲା। ମଣ୍ଡି ଖୋଲିବାଟା ପ୍ରାୟ ମାସେ ବିଳମ୍ବ ହେଲା, ତା' ସତ୍ତ୍ୱେ ବି ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀମାନେ ଟୋକନ ପାଇନାହାନ୍ତି। ପଞ୍ଜୀକରଣ ସମୟରେ ନଭେମ୍ବର ୧ରୁ ୧୫ ଓ ୧୬ରୁ





୩୦ ଏହିଭଳି ଦୁଇଟି ସ୍ଲଟ୍‌ରେ ଧାନ ବିକ୍ରୟ କରିବେ ବୋଲି ଉଲ୍ଲେଖ କରିଥିଲେ। ଚାଷୀମାନେ ଲିଗାଲ ପ୍ରୋସେକ୍ୟୁର ଅନୁଯାୟୀ ଖରିଫ୍ ଧାନ ବିକ୍ରୟ ସକାଶେ ପଞ୍ଜୀକରଣ କରିଥିଲେ, କିନ୍ତୁ ତଥାପି ବି ସରକାର ଟୋକନ ଦେବାକୁ କୁଣ୍ଠ କୁଣ୍ଠ ହେଉଛନ୍ତି।

ଚାଷୀ ଏବେ ଆର୍ଥିକ ସମସ୍ୟାରେ ରହିଛି। ବିହନ, ସାର, କ୍ଷେତ ଶ୍ରମିକ ପାଉଣା, କ୍ଷେତରୁ ଘରକୁ ଓ ଘରୁ ମଣ୍ଡିକୁ ଗାଡ଼ି ଭଡ଼ା, ସୋସାଇଟି ଋଣ ଓ ବ୍ୟାଙ୍କ ଋଣ ଆଦି ସବୁ ରହିଛି। ଏହା ଚାଷୀ ଲାଗି ମୁଣ୍ଡ ବ୍ୟଥା ପାଲଟିଛି। ଧାନଗଣ୍ଡାକ ବିକ୍ରୟ ନହେଲେ, ଋଣ ପରିଶୋଧ କିପରି କରିବ? ଆଗକୁ ରବି ଧାନଚାଷ କିପରି କରିବ, ତାହାକୁ ନେଇ ଚିନ୍ତାଗ୍ରସ୍ତ ଚାଷୀ। ଚାଷୀ ମହଲରେ ଏବେ ଗୋଟିଏ ଚର୍ଚ୍ଚା ଖରିଫ୍ ଧାନ କିପରି ବିକ୍ରୟ ହେବ ଏବଂ ହାତଉଦ୍ଧାର ଓ ଅନ୍ୟ ଋଣ କିପରି ପରିଶୋଧ କରାଯିବ।

ଏନେଇ କୃଷକ ସଙ୍ଗଠନ ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ଚାଷୀର ସରକାର ଓ ଲୋକଙ୍କ ସରକାର କହୁଥିବା ବେଳେ ଚାଷୀ ବହୁତ ଖୁସି ଥିଲା। ୮୦୦ ଟଙ୍କା ସହାୟତା ରାଶି ସ୍ୱାଗତଯୋଗ୍ୟ। ଚାଷୀକୁ ସହାୟତା ରାଶି ଦରକାର ନଥିଲା, ଧାନର ସର୍ବନିମ୍ନ ସହାୟତା ରାଶି (ଏମ୍‌ଏସ୍‌ପି) କେବଳ ବୃଦ୍ଧି କରିବାକୁ ଦାବି ହୋଇଥିଲା। ଏବେ ପୁଣି ଏମ୍‌ଏସ୍‌ପିର ୬୯ ଟଙ୍କା ବୃଦ୍ଧିକୁ ସହାୟତା ରାଶି ସହିତ ମିଶାଇ ଦେଉଛନ୍ତି, ତାହା ଦୁର୍ଭାଗ୍ୟଜନକ।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଏବେ ପର୍ଯ୍ୟନ୍ତ ରବି ଚାଷ ସକାଶେ ପହ୍ଲା ରୁଆ ହୋଇଯିବା କଥା। ନାମମାତ୍ର ଚାଷୀ ଓ କ୍ଷୁଦ୍ର ଚାଷୀ ଧାନ ବିକ୍ରୟ ହୋଇନଥିବାରୁ ଚାଷ କାର୍ଯ୍ୟ ଆରମ୍ଭ କରିପାରିନାହାନ୍ତି। ୨୭ ଜଣ ଚାଷୀ ପୂର୍ବରୁ ସରକାରଙ୍କଠୁ ଫାଉଣ୍ଡେସନ ବିହନ ଆଣି ବିହନ ପ୍ରସ୍ତୁତ କରି ବିକ୍ରୟ କରୁଥିଲେ ବୋଲି ତାଙ୍କର ଟୋକନ ଅଟକେଇ ଦିଆଯାଇଛି। ବିଗତ ୪-୫ ବର୍ଷ ହେଲା ସେମାନେ କରୁନାହାନ୍ତି। ସେମାନଙ୍କ ଏଗ୍ରିମେଣ୍ଟ ନାହିଁ, କିମ୍ବା ଲାଇସେନ୍ସ ନାହିଁ। ପୁଣି ଏମ୍‌ପିସିଆଇ ନାମରେ ପ୍ରାୟ ୧୮୦୦ ଚାଷୀଙ୍କ ଟୋକନ ଇସ୍ୟୁ ହୋଇନଥିଲା। ତାହାକୁ ସରକାର ଧିରେ ଧିରେ ଦେଉଛନ୍ତି, କିନ୍ତୁ ସମସ୍ତ ଧାନ ବିକ୍ରୟ ପାଇଁ ନୁହେଁ କେବଳ ୭୫ କ୍ୱିଣ୍ଟାଲ ପାଇଁ ଦେଉଛନ୍ତି। ସରକାର ଦିନକୁ ଦିନ ନୂଆ ନୂଆ ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି ସଭାପତି ଶ୍ରୀ ଠାକୁର କହିଛନ୍ତି।

## ଜିରୋ ନାଇଟ୍‌ରେ ଝୁମିଲେ, ନବବର୍ଷକୁ ସ୍ୱାଗତ

**ସମ୍ବଲପୁର, ୩୧।୧୨ (ସମିସ) :** ରାତି ଠିକ୍ ୧୨ଟା ବେଳେ ଆରମ୍ଭ ହେବ ସେଲେବ୍ରେସନ୍। ନବବର୍ଷକୁ ସ୍ୱାଗତ କରିବା ପାଇଁ ସବୁଠି ଉତ୍ସବର ମାହୋଲ। ହୋଟେଲ, ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି ବିଭିନ୍ନ ସୋସାଇଟି ମାନଙ୍କରେ ଜିରୋ ନାଇଟ୍ ପାଳନ କରାଯାଉଛି। ଖାଦ୍ୟପେୟ ସହିତ ଜମୁଛି ନାଚଗୀତର ଆସର। ସମ୍ବଲପୁରର ମହାନଦୀ କ୍ଲବ, ଏମସିଏଲ୍, ହିଣ୍ଡାଲକୋ, ଗ୍ରାଣ୍ଡ ଶିବା ଆଦିରେ ସ୍ୱତନ୍ତ୍ର ଜିରୋ ନାଇଟ୍ ଆୟୋଜନ କରାଯାଇଛି। ସନ୍ଧ୍ୟାରୁ ଉତ୍ସବ ପାଳନ କରାଯାଉଥିବାବେଳେ ୧୨ଟାପରେ ତାହା ଶୀର୍ଷକୁ ଛୁଇଁଥିଲା। ନବବର୍ଷକୁ ସ୍ୱାଗତ କରିବାରେ କେହି ବି କୌଣସି ସୁଯୋଗ ଛାଡ଼ୁନାହାନ୍ତି। ଏହାକୁ ନେଇ ସମ୍ବଲପୁର ପୁଲିସ ପକ୍ଷରୁ ସମସ୍ତ ଥାନାଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରାୟ ୪ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ନାକା କରି ଯାଞ୍ଚ କରାଯାଉଛି।

ଗୁରୁବାର ବର୍ଷର ପ୍ରଥମଦିନ ଭୋରୁ ଲୋକେ ମା' ସମଲେଶ୍ୱରୀଙ୍କ ଦର୍ଶନ କରି ବର୍ଷ ଆରମ୍ଭ କରିବେ। ଏଥିପାଇଁ ମନ୍ଦିରରେ ପ୍ରବଳ ଭିଡ଼ ହେବ। ବୁଧବାର ସନ୍ଧ୍ୟାରୁ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଛି। ଶ୍ରୀ ଶ୍ରୀ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସକାଳ ୬ଟାରୁ ଆରମ୍ଭ ହୋଇ ୧୧ଟା ୪୫ ପର୍ଯ୍ୟନ୍ତ ଦର୍ଶନ ଚାଲିବ, ଅନ୍ନଭୋଗ ପରେ ୧୨ଟା ୩୦ରୁ ସନ୍ଧ୍ୟା ୭ଟା ୪୫ ପର୍ଯ୍ୟନ୍ତ ଏବଂ ସାଢ଼େ ୮ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରିପାରିବେ। ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ, ଧାଡ଼ି ଦର୍ଶନ ପାଇଁ ପାନୀୟ ଜଳ ଓ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା, କାନିକା ଅନ୍ନ ଓ ଶୁଖିଲା ଭୋଗ ବଣ୍ଟନ କରାଯିବ ବୋଲି ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି।

## ମାନବିକତା ଦେଖାଇଲେ ଦୀପ୍ତି

**କୁଚିଣ୍ଡା, ୩୧।୧୨(ସମିସ):** କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ କଟୁପାଲି ଗ୍ରାମରେ ଦେଖିବାକୁ ମିଳିଛି ଗାଁ ଝିଅର ମାନବିକତା ଯେଉଁଥି ପାଇଁ ଗାଁ ସାରା ତାର ଚର୍ଚ୍ଚା ଚାଲିଛି। ସୂଚନା ଅନୁସାରେ କଟୁପାଲି ଗ୍ରାମର ମନୋଜ କିସାନଙ୍କ ପତ୍ନୀ ଇନ୍ଦୁ କିସାନ ଚିକିତ୍ସାଧୀନ ଅବସ୍ଥାରେ ସୋମବାର କଟକ ବଡଡାକ୍ତର ଖାନାରେ ମୃତ୍ୟୁବରଣ କଲେ। ତାଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ବର୍ଷର ପୁତ୍ର ଶିବା ମାଆ ଛେଉଣ୍ଡ ହୋଇଗଲା। ଖବର ପାଇ କଟୁପାଲି ଗ୍ରାମର ଦୀପ୍ତି ଧୂରୁଆ ଅତ୍ୟନ୍ତ ମର୍ମାହତ ହୋଇ ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟରୁ ଗାଁକୁ ଚାଲି ଆସିଲେ। ମା ଛେଉଣ୍ଡ ଶିବା ପାଇଁ ନିଜ ପକେଟ ମନିରୁ ଦୁଇ ହଳ ଡ୍ରେସ, ଜୋତା ଏବଂ କିଛି ଖାଇବା ଜିନିଷ ଭେଟି ଦେଇଛନ୍ତି। ଆପଣାର ଭାବି ଦୁଃଖ ସମୟରେ ନିଜ ପକେଟ ମନିରୁ ଖର୍ଚ୍ଚ କରି ମାନବିକତା ଦେଖାଇଛନ୍ତି। ଦୀପ୍ତି ସନ୍ତୋଷ କୁମାର ଧୂରୁଆ ଓ ଅଞ୍ଜୁ ଧୂରୁଆଙ୍କ ସୁପୁତ୍ରୀ ଅଟନ୍ତି।

## ଗୋବିନ୍ଦ ରାମ ଅଗ୍ରୱାଲଙ୍କ ଦେହାନ୍ତ

**କୁଚିଣ୍ଡା, ୩୧।୧୨(ସମିସ):** କୁଚିଣ୍ଡା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଭାରତ ମେଡିକାଲ ଷ୍ଟୋର ମାଲିକ ଗୋବିନ୍ଦ ରାମ ଅଗ୍ରୱାଲଙ୍କ ୭୫ ବର୍ଷ ବୟସରେ ନିଜ



ବାସଭବନରେ ବୁଧବାର ଭୋରୁ ଦେହନ୍ତ ହୋଇଛି। ତାଙ୍କର ମୃତ୍ୟୁ ଖବର ପ୍ରଚାର ପରେ ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ ସହ ଆତ୍ମାର ସଦଗତି ଲାଗି ପ୍ରାର୍ଥନା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁଅ ଜୟନ୍ତ ଅଗ୍ରୱାଲ, ସାନ ପୁଅ ଯୁବ ବ୍ୟବସାୟୀ ଆନନ୍ଦ ଅଗ୍ରୱାଲ, ପୁତ୍ର ବଧୂ, ନାତି ପରିବାର ପରିଜନ ଉପସ୍ଥିତ ଥିଲେ। ଅପରାହ୍ନ ରେ ଶ୍ରୀ ଅଗ୍ରୱାଲ ଙ୍କ ମୃତ ଶରୀରକୁ ଶୋକାକୁଳ ପରିବେଶରେ ନେଇ ଝୁଲେନ ପୋଲ ନିକଟସ୍ଥ ସ୍ୱର୍ଗ ଦ୍ୱାରରେ ଅନ୍ତିମ ସତ୍କାର କରାଯାଇଥିଲା, ବଡ଼ ପୁଅ ଜୟନ୍ତ ଅଗ୍ରୱାଲ ମୁଖାଗ୍ନି ଦେଇଥିଲେ।

## ପୂଣ୍ୟତିଥିରେ ଗୁରୁ ସତ୍ୟନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୩୧।୧୨ (ସମିସ) :** ସମ୍ବଲପୁରୀ ଭାଷା ସାହିତ୍ୟର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାରଙ୍କର ୪୬ ତମ ପୂଣ୍ୟତିଥି ଅବସରରେ ବୁଧବାର ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିସରରେ ଥିବା ଗୁରୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବାସହ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହ ଏକ ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୁରୁଙ୍କ ନାମରେ ରହିଥିବା ସମ୍ବଲପୁରୀ ଡେରାକୁ ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାରର କେନ୍ଦ୍ର ଭାବେ ବିକଶିତ କରିବାକୁ ପ୍ରତି ରବିବାର ସମ୍ବଲପୁରୀ ନାଚଗୀତ ଏବଂ ଚିତ୍ରକଳା ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ନୃତ୍ୟଗୁରୁ ରଞ୍ଜିତ ସାହୁଙ୍କୁ କାର୍ଯ୍ୟକ୍ରମ ଦାୟିତ୍ୱ ଦିଆଯାଇଥିଲା।



ଆଜି ଦିନତମାମ ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁରୀ ଧନୁଯାତ୍ରା କମିଟି, ସମ୍ବଲପୁର ଯୋଗ ପରିବାର, ଭାରତୀ ସମାଜ, ନାଟ୍‌ନାଟୁଆ, କଳା ଓ କଳାକାର, ନାରୀସେବା ସଂଘ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ସମ୍ବଲପୁର କିକ୍ ବକ୍ସିଂ ଏସୋସିଏସନ ଭଳି ବହୁ ଅନୁଷ୍ଠାନର କର୍ମକର୍ତ୍ତା ଗୁରୁ ସତ୍ୟପାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହ ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଡଃ ପ୍ରମୋଦ ରଥ, ଡଃ ପରେଶ ଚନ୍ଦ୍ର ଦାନୀ, ଦୀନବନ୍ଧୁ ପଣ୍ଡା, ଦାମୋଦର କର, କବିତା ପୁରୋହିତ, ସୁରେଖା ସାହୁ, ନାଟୁ ଗୋପାଳ ପାତ୍ର, ସୁରେନ୍ଦ୍ର ନାୟକ, ସୂର୍ଯ୍ୟ ପାଣିଗ୍ରାହୀ, ଅଶୋକ ସାହୁ, ବିରଞ୍ଚି ନାରାୟଣ ନାୟକ, ଅମିତାଭ ମାଝୀ, ରାଜେଶ ସ୍ୱାଇଁ, ବିକାଶ ତ୍ରିପାଠୀ, ପ୍ରଜ୍ଞା ଦିକ୍ଷୀତ, ବିଚିତ୍ରାନନ୍ଦ ଆଚାର୍ଯ୍ୟ, ଯୋଗେଶ ନନ୍ଦ, ପ୍ରଦୀପ୍ତ ସୁଶାରୀ ପ୍ରମୁଖ ବହୁ ସମ୍ବଲପୁରୀପ୍ରେମୀ ଗୁରୁଙ୍କୁ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।






**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ**

# କଂସ ଅଟ୍ଟହାସ୍ୟରେ ମଥୁରା ପ୍ରକମ୍ପିତ, ଗୋପପୁର କୃଷ୍ଣମୟ

ମଥୁରାନଗରୀ, ୩୧।୧୨(ସମିସ)

'ଗୋପୀ ମୋହନ ହେ ଶ୍ୟାମଘନ..' ଗୀତ ଗାଇ ଗାଇ ଭକ୍ତିରେ ତଲ୍ଲିନ ହୋଇ ଅଷ୍ଟମ ଦିନରେ ସଫଳା ସୁତ ଅକ୍ରୁର ଗୋପପୁର ଗମନ କରିଛନ୍ତି। ମଥୁରା ନଗରୀ ଛାଡି ରଥରେ ଅଶ୍ୱ ଯୋଚି ଗୋପପୁର ଅଭିମୁଖେ ତାଙ୍କର ଯାତ୍ରା। ବେନି ଭାଇ କୃଷ୍ଣ ବଳରାମଙ୍କୁ ସାଥିରେ ଧରି ସେ ଫେରି ଆସିବେ ମଥୁରାକୁ, ଦୁହିଁଙ୍କୁ ଧନୁଯାତ୍ରା ଦେଖାଇବେ ବୋଲି। କଂସ ରାଜାର ଆଜ୍ଞା ହେଲେ ବି ତାଙ୍କର ଆରାଧ୍ୟ ପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗକୁ ସେ କେମିତି ହାତଛଡ଼ା କରନ୍ତେ। ଯମୁନା ନଦୀ କୂଳରେ ପ୍ରଭୁଙ୍କ ପାଦ ଦର୍ଶନ କରି ସେ ଆତ୍ମବିଭୋର ହୋଇଛନ୍ତି। ପରେ 'ହରେ କୃଷ୍ଣ ହରେ କୃଷ୍ଣ' ଗାନ କରି କରି, 'ହରିବୋଲ' ଦେଇ ଦେଇ ସେ ପହଞ୍ଚି ଯାଆନ୍ତି ନନ୍ଦରାଣୀ ଓ ନନ୍ଦରାଜାଙ୍କ ପାଖରେ। ମହାରାଜା କଂସଙ୍କ ନିମନ୍ତ୍ରଣପତ୍ର ଦେଖାଇ ଧନୁଯାତ୍ରା ଦେଖାଇ ନେବାକୁ ବେନି ଭାଇଙ୍କୁ ସାଥିରେ ନେବା ପାଇଁ ଅନୁରୋଧ କରନ୍ତି। ଅପରପକ୍ଷରେ କୃଷ୍ଣ ବଳରାମଙ୍କ ମଥୁରା ଆଗମନ ପ୍ରତୀକ୍ଷାରେ ମହାରାଜ କଂସ ବ୍ୟାକୁଳ। ସ୍ୱପ୍ନରେ ବାରମ୍ବାର କୃଷ୍ଣଙ୍କୁ ଦେଖି ବ୍ୟସ୍ତ ମହାରାଜା ଅଥୟ। ମହାମନ୍ତ୍ରୀଙ୍କ ଆଶ୍ୱାସନାରେ କିଛିକ୍ଷଣ ପାଇଁ ଶାନ୍ତ ହୁଅନ୍ତି ସିନା ତଥାପି ଭୟମିଶ୍ରିତ ଆଶଙ୍କାରେ ରହି ରଙ୍ଗମହଲର ନର୍ତ୍ତକୀ ମାନଙ୍କ ନୃତ୍ୟ ସଙ୍ଗୀତରେ ହଜି ଯାଇଛନ୍ତି।








## ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର

**● ୧୦୩ ୟୁନିଟ୍ ରକ୍ତ ସଂଗ୍ରହ**

**ବରଗଡ଼, ୩୧।୧୨(ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ମୀନାବଜାର ପଡ଼ିଆରେ ନିଷ୍ଠା ପରିବାର ତରଫରୁ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଛି। ବରେଣ୍ୟ ଅତିଥି ଭାବେ ଡ.ପ୍ୟାରିଲାଲ ତ୍ରିପାଠୀ, ଲକ୍ଷ୍ମୀ ବିକାଶର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ବିକାଶ ଡିଗ୍ରୀ କଲେଜର ପ୍ରିନ୍ସିପାଲ ସତ୍ୟବ୍ରତ ମିଶ୍ର ଓ ବରଗଡ଼ ବ୍ୟବସାୟୀ ସଂଘର ସଭାପତି ପ୍ରଦୀପ ଦେବତା ପ୍ରମୁଖ ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡ.ମାଧବ ନାୟକ ଯୋଗ ଦେଇଥିଲେ। ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ମୋଟ ୧୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ପୌର ପରିଷଦକୁ ଧନ୍ୟବାଦ ଦେଲେ ବିଧାୟକ, ଜିଲ୍ଲାପାଳ

**ବରଗଡ଼, ୩୧।୧୨(ସମିସ):** ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବ ଗତ ୨୪ ତାରିଖରୁ ଆରମ୍ଭ ହୋଇଛି। ପ୍ରଥମ ଦିନରୁ ହିଁ ବରଗଡ଼ ସହରରେ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଛି। ଜର୍ଜ ହାଇସ୍କୁଲ ପଡ଼ିଆରେ ଥିବା ମୀନାବଜାର, ଗୋରୁ ମାର୍କେଟରେ ପଲ୍ଲୀଶ୍ରୀ ମେଳା, ନିଶାମଣି ପଡ଼ିଆ ରଙ୍ଗମହଲ, ହାଟପଦା ସ୍ଥିତ ରାଜ ଦରବାର, ଗୋପପୁର ସହ ବରଗଡ଼ ସହରର ସମସ୍ତ ୱାର୍ଡକୁ ପ୍ରତିଦିନ ସଫେଇ କାର୍ଯ୍ୟରେ ପୌର ପରିଷଦର ଶହ ଶହ କର୍ମଚାରୀ ଲାଗିଛନ୍ତି। ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ୍ ସାହୁଙ୍କ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟ ଚାଲୁଛି। ଫଳରେ ଧନୁଯାତ୍ରା ମହୋତ୍ସବ ଦେଖିବାକୁ ଆସୁଥିବା ଲୋକମାନେ ଏକ ସୁନ୍ଦର, ସ୍ୱାସ୍ଥ୍ୟପ୍ରଦ ପରିବେଶ ପାଇ ପାରୁଛନ୍ତି। ଆଜି ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଏବଂ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମୀନାବଜାର ଗେଟ୍ ବନ୍ଦରୁ ଲୋକେ ଅସନ୍ତୁଷ୍ଟ

**ବରଗଡ଼, ୩୧।୧୨(ସମିସ):** ବରଗଡ଼ ଜିଲ୍ଲାରେ ଏବେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେଉଛି। କିନ୍ତୁ ଅନେକ ଅବହେଳା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ସହରର ଜର୍ଜ ହାଇସ୍କୁଲ ପଡ଼ିଆରେ ମୀନାବଜାର ଚାଲୁଛି। ମୀନାବଜାରକୁ ପ୍ରବେଶ ପାଇଁ ଥିବା ୩ଟି ପ୍ରବେଶ ପଥ ମଧ୍ୟରୁ ୨ଟି ପ୍ରବେଶ ପଥ ଦୀର୍ଘ ସମୟ ଯାଏ ବନ୍ଦ ରହୁଛି। ଫଳରେ ଧନୁଯାତ୍ରା ଦେଖିବା ପାଇଁ ଆସିଥିବା ଅଗଣିତ ଦର୍ଶକଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ବାଧ୍ୟ ହୋଇ ଅନେକ ଦର୍ଶକ ଅସୁରକ୍ଷିତ ଭାବେ ପାଚେରି ଡେଇଁ ମୀନାବଜାର ଭିତରକୁ ପ୍ରବେଶ କରୁଥିବା ଦେଖା ଦେଉଛି। ଧନୁଯାତ୍ରା ଶେଷ ବେଳକୁ ଲୋକଙ୍କ ସମାଗମ ଆହୁରି ବଢ଼ିବା ଅନୁମାନ କରାଯାଉଛି। ତାହାକୁ ଦୃଷ୍ଟିରେ ରଖି ମୀନାବଜାର ପଡ଼ିଆକୁ ୩ଟି ଯାକ ପ୍ରବେଶ ପଥକୁ ସବୁ ସମୟରେ ଖୋଲା ରଖିଲେ ଲୋକଙ୍କ ଗହଳି ନିୟନ୍ତ୍ରିତ ହେବାର ସମ୍ଭାବନା ରହିଛି ବୋଲି ଦର୍ଶକ ଆଲୋଚନା କରୁଥିବା ଦେଖାଦେଇଛି।

**ରାଜ୍ୟସ୍ତରୀୟ ବୀରତା ଦିବସ**

## ଘେଁସ କଲେଜ ସହିଦ ମାଧୋ ସିଂ ସ୍ମାରକୀ ମହାବିଦ୍ୟାଳୟ ଭାବେ ନାମିତ

**ମେଲଛାମୁଣ୍ଡା, ୩୧।୧୨(ସମିସ):** ବରଗଡ଼ ଜିଲ୍ଲା ଘେଁସ ଠାରେ ରାଜ୍ୟସ୍ତରୀୟ ବୀରତା ଦିବସ ଏବଂ ସହିଦ ମାଧୋ ସିଂହଙ୍କ ସ୍ମୃତି ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଯୋଗ ଦେଇଛନ୍ତି। ସ୍ଥାନୀୟ ସହିଦ ପୀଠରେ ପହଞ୍ଚି



ସହିଦ ଜାତୀୟ ବୀର ମାଧୋ ସିଂ ଓ ଲାଲ ଯୋଗେନ୍ଦ୍ରନାଥ ସିଂଙ୍କ ପ୍ରତିମୂର୍ତ୍ତିରେ ତଥା ସହିଦ ହଟ୍ଟେ ସିଂ, କୁଞ୍ଜଲ ସିଂ, ବୈରୀ ସିଂ, ଐରୀ ସିଂ ଓ ସହିଦଙ୍କ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଘେଁସ ହାଇସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଘେଁସ ଗ୍ରାମରେ ସହିଦଙ୍କ ସ୍ମାରକୀ ପ୍ରତିଷ୍ଠା କରାଯିବା ସହିତ ଏଥିରେ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ସ୍ୱାଗତ ତୋରଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି। ଏଥିପାଇଁ ୬.୨୬ କୋଟି ଟଙ୍କା ଖର୍ଚ୍ଚ ହେବ। ଘେଁସ ଅଞ୍ଚଳର ଦୀର୍ଘ ଦିନର ଦାବିକୁ ସଫଳ କରିବାକୁ ଯାଇ ଆଜି ଠାରୁ ଘେଁସ କଲେଜକୁ ସହିଦ ମାଧୋ ସିଂ ସ୍ମାରକୀ ମହାବିଦ୍ୟାଳୟ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମହାବିଦ୍ୟାଳୟରେ ୪ କୋଟି ୪୦ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟରେ ୧୦୦ ଆସନ ବିଶିଷ୍ଟ ଏକ ଆଧୁନିକ ଅର୍ବାନ ଗାର୍ଲ୍ସ ହଷ୍ଟେଲ ମଧ୍ୟ ନିର୍ମାଣ କରାଯିବ। ଘେଁସ କଲେଜକୁ ସମ୍ପୂର୍ଣ୍ଣ ନୂଆରୂପରେ ବିକାଶ କରାଯିବାକୁ ମଧ୍ୟ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାଧୋ ସିଂହଙ୍କ ପରି ଦେଶଭକ୍ତ ସମ୍ପୂର୍ଣ୍ଣ ମାନବ ସମାଜକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ତ୍ୟାଗ କେବଳ ଓଡ଼ିଶା ନୁହେଁ, ସାରା ଭାରତ ଏପରିକି ବିଶ୍ୱ ଇତିହାସରେ ବିରଳ। ଦେଶପାଇଁ ସେ ନିଜ ଜୀବନ ସହିତ ନିଜର ୪ ପୁଅ ଓ ଜାମାତାଙ୍କର ମଧ୍ୟ ବଳିଦାନ ଦେଇଥିଲେ। ସହିଦ ମାଧୋ ସିଂଙ୍କୁ ନିଜର ଆଦର୍ଶ ମନେକରି ବିଞ୍ଝାଳ ଜାତି ତାଙ୍କ ବୀରତା ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆଗାମୀ ପିଢ଼ି ସହିତ ପରିଚିତ କରାଇବାର ପ୍ରଶଂସନୀୟ କାର୍ଯ୍ୟ କରୁଥିବା ହେତୁ ଆଦିବାସୀ କଲ୍ୟାଣ ସଂଘକୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଥିଲେ। ଘେଁସର ଏହି ମହାନାୟକଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ତାଙ୍କ ଜନ୍ମପୀଠ ଘେଁସକୁ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ରେ ସାମିଲ କରାଯାଇଛି। ଏହି ଯୋଜନାରେ ୧୫ କୋଟି ଟଙ୍କା ବିନିଯୋଗ ହେଉଥିବା ବେଳେ ସହିଦଙ୍କ ଜନ୍ମପୀଠର ବିକାଶ ମଧ୍ୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

କାର୍ଯ୍ୟକ୍ରମର ପରିସମାପ୍ତି ପରେ ମୁଖ୍ୟମନ୍ତ୍ରୀ ସହିଦ ମାଧୋ ସିଂଙ୍କ ବାସଗୃହ ପରିସରରେ ତାଙ୍କ ପରିବାର ବର୍ଗଙ୍କୁ ଭେଟିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଶିଷ୍ଟ କୋଶଳି କବି ପଦ୍ମଶ୍ରୀ ଡକ୍ଟର ହଳଧର ନାଗ, ସହିଦ ମାଧୋ ସିଂଙ୍କ ଦାୟାଦ ଲୋକେଶ୍ୱର ସିଂ ବରିହା, ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅଶୋକ ପୁଝାରୀ ପ୍ରମୁଖ ଉପସ୍ଥିତ ଥିଲେ।




## ୱାର୍ଲ୍ଡ ରେକର୍ଡ୍ସରେ ୭ ବର୍ଷୀୟ ସାନଭି

**ବରଗଡ଼, ୩୧।୧୨(ସମିସ):** ବରଗଡ଼ର ୭ ବର୍ଷୀୟ କୁନି ଝିଅ ସାନଭି ତରିତା ପ୍ରଧାନ ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମ ପଞ୍ଜିକୃତ କରି ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ହାଇଦ୍ରାବାଦରେ ୭୨୦୯ ଜଣ କୁଚିପୁଡୀ କଳାକାର ଏକାଠି ହୋଇ କେଦାରଗୌଲା ଥିଲ୍ଲାନାର ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ କେଦାରଗୌଲା



ଶାସ୍ତ୍ରୀୟ ସଙ୍ଗୀତ ରାଗରେ ଥିଲ୍ଲାନା ନୃତ୍ୟଶୈଳୀ କରିବାକୁ ହୁଏ। ଏହି ନୃତ୍ୟଶୈଳୀ ଦ୍ରୁତ ପଦ ଚାଳନା ତଥା ଶାରୀରିକ ଅଙ୍ଗଭଙ୍ଗୀ ଦୃଷ୍ଟିରୁ ଖୁବ୍ କଷ୍ଟସାଧ୍ୟ। ତେବେ ଗନିଆପାଲିର ଘନଶ୍ୟାମ ପ୍ରଧାନଙ୍କ ମାତ୍ର ୭ ବର୍ଷୀୟା ନାତୁଣୀ ସାନଭି ଏଥିରେ ଅଂଶଗ୍ରହଣ କରି କେଦାରଗୌଲା ଥିଲ୍ଲାନାର ନୃତ୍ୟ ପ୍ରଦର୍ଶନ କରି ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମ ଲେଖାଇଛନ୍ତି। ବରଗଡ଼ ତଥା ସମ୍ପୂର୍ଣ୍ଣ ଓଡ଼ିଶା ପାଇଁ ଗୌରବ ଅର୍ଜ୍ଜନ କରିଛନ୍ତି। ସାନଭି ତାଙ୍କ ବାପା ସୂର୍ଯ୍ୟକାନ୍ତ ପ୍ରଧାନ, ମା' ମୋନାଲିସା ପ୍ରଧାନ ଏବଂ ନୃତ୍ୟ ଶିକ୍ଷୟିତ୍ରୀ ନେହା ପଟ୍ଟନାୟକଙ୍କୁ ସଫଳତାର ଶ୍ରେୟ ପ୍ରଦାନ କରିଛନ୍ତି। କୁନି ସାନଭିଙ୍କ ସଫଳତାରେ ପରିବାର ଓ ଶିକ୍ଷକ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ଭରସା କୁଷ୍ଠ ପ୍ରକଳ୍ପ ପକ୍ଷରୁ କର୍ମଶାଳା

**ବରଗଡ଼, ୩୧।୧୨(ସମିସ):** ବରଗଡ଼ ସ୍ଥିତ ଷ୍ଟେସନ ପଡ଼ା ହସ୍ପିଟାଲ୍‌ର ମିଟିଂ ହଲରେ ଭରସା କୁଷ୍ଠ ପ୍ରକଳ୍ପ ତତ୍ତ୍ୱାବଧାନରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ବିଭାଗ) ଡ.ସୁବାସ ଚନ୍ଦ୍ର ଅଗ୍ରୱାଲା, ଡ.ବୀରେନ୍ଦ୍ର ମହାପାତ୍ର, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, କଣ୍ଟାପାଲି, ଭେଡେନ, ବରପାଲି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, ମିଶନ ହସ୍ପିଟାଲ୍ ଅଧିକାରୀ, ଜମୁର୍ଡା କୁଷ୍ଠ କଲୋନୀର ସଚିବ ଏବଂ ଅସୀମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଭରସା କୁଷ୍ଠ ପ୍ରକଳ୍ପ ଚେୟାରମ୍ୟାନ କଳ୍ପନା ମାଝୀ ସମାଜରେ କୁଷ୍ଠରୋଗ ଛୁଆଁ ଅଛୁଆଁ ଭେଦଭାବ ଓ ବିକଳାଙ୍ଗ ରୋଗୀ ମାନଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ ପାଇଁ ସହଯୋଗ ପ୍ରଦାନ କରିଥିଲେ।






